# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 March - 2026

************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ବିଧାନସଭାରେ ରାଜ୍ୟସଭାର ଚାରୋଟି ଆସନ ପାଇଁ ଜାରି ରହିଛି ମତଦାନ

— ଅପରାହ୍ଣ ୫ଟାରେ ଭୋଟ ଗଣତି ସହିତ ପ୍ରକାଶ ପାଇବ ଫଳାଫଳ

- କଟକ ଏସ୍‌ସିବି ମେଡିକାଲ କଲେଜ୍ ଓ ହସ୍‌ପିଟାଲର ଅଗ୍ନିକାଣ୍ଡ ଘଟଣାରେ ମୃତ୍ୟୁ ସଂଖ୍ୟା ୧୧କୁ ବୃଦ୍ଧି; ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

— ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ ପ୍ରକାଶ

- ‘ସମସ୍ତଙ୍କ ପାଇଁ ଟିକାକରଣ ମାନବିକ ଭାବରେ ସମ୍ଭବ’ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ‘ଜାତୀୟ ଟିକାକରଣ ଦିବସ’

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଜପାତ ସହ ବର୍ଷା ସମ୍ଭାବନା

## ରାଜ୍ୟସଭା ନିର୍ବାଚନ

ରାଜ୍ୟସଭାର ଚାରୋଟି ଆସନ ପାଇଁ ଓଡ଼ିଶା ବିଧାନସଭାର ୫୪ ନମ୍ବର କକ୍ଷରେ ଭୋଟଗ୍ରହଣ ଜାରି ରହିଛି। ଆଜି ସକାଳ ୯ଟାରୁ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ଅପରାହ୍ଣ ୪ଟା ଯାଏଁ ଚାଲିବ। ବର୍ତ୍ତମାନସୁଦ୍ଧା ପ୍ରାୟ ୭୦ ଜଣ ବିଧାୟକ ମତଦାନ କରିସାରିଲେଣି। ଭୋଟ ଗ୍ରହଣ କେନ୍ଦ୍ରରେ ଭାରତୀୟ ନିର୍ବାଚନ କମିଶନଙ୍କ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍.ଗୋପାଳନ୍ ଉପସ୍ଥିତ ଅଛନ୍ତି। ନିର୍ବାଚନ ପାଇଁ ନିଯୁକ୍ତ ରିଟର୍ଣ୍ଣିଂ ଅଧିକାରୀ ସତ୍ୟବ୍ରତ ରାଉତ ନିର୍ବାଚନ ପରିଚାଳନା କରୁଛନ୍ତି। ନିର୍ଦ୍ଧାରିତ ସମୟରେ ଭୋଟ ଗ୍ରହଣ ସରିବା ପରେ ଅପରାହ୍ଣ ୫ଟାରେ ଭୋଟ ଗଣତି ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

ବିହାର, ଓଡ଼ିଶା ଏବଂ ହରିୟାଣାର ୧୧ଟି ରାଜ୍ୟସଭା ଆସନ ପାଇଁ ଆଜି ମତଦାନ ଜାରି ରହିଛି । ପୂର୍ବରୁ ଗତମାସରେ ୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନରେ ଦ୍ୱିବାର୍ଷିକ ନିର୍ବାଚନ ପାଇଁ ନିର୍ବାଚନ ଆୟୋଗ ବିଜ୍ଞପ୍ତି ଜାରି କରିଥିଲେ । ସେଥିମଧ୍ୟରୁ ୨୬ଟି ଆସନରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇସାରିଛନ୍ତି ।

ଓଡ଼ିଶାରେ ୪ଟି ଆସନ ପାଇଁ ୫ ଜଣ ପ୍ରାର୍ଥୀ ରହିଛନ୍ତି । ସେମାନଙ୍କ ମଧ୍ୟରେ ବିଜେପିରୁ ମନମୋହନ ସାମଲ ଓ ସୁଜିତ କୁମାର, ବିଜେଡିରୁ

ସନ୍ତୃପ୍ତ ମିଶ୍ର, କଂଗ୍ରେସ-ବିଜେଡି ସମର୍ଥିତ ଡାକ୍ତର ଦଣ୍ଡେଶ୍ୱର ହୋତା ଓ ସ୍ୱାଧୀନ ଭାବେ ଦିଲ୍ଲୀପ ରାୟ ରହିଛନ୍ତି ।

୧୪୭ ସଦସ୍ୟ ବିଶିଷ୍ଟ ବିଧାନସଭାରେ ବିଜେପିର ୭୯ଜଣ ସଦସ୍ୟ ରହିଥିବାବେଳେ ୩ଜଣ ସ୍ୱାଧୀନ ସଦସ୍ୟଙ୍କର ସମର୍ଥନ ରହିଛି । ବିଜେଡି ପାଖରେ ୨ଜଣ ବିଧାୟକଙ୍କ ନିଲମ୍ବନ ପରେ ମଧ୍ୟ ୪୮ଜଣ ସଦସ୍ୟ ରହିଛନ୍ତି । କଂଗ୍ରେସର ୧୪ ଏବଂ ସିପିଆଇର ଜଣେ ସଦସ୍ୟ ଅଛନ୍ତି ।

## ବଡ଼ମେଡ଼ିକାଲ- ଅଗ୍ନିକାଣ୍ଡ

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ଆଇ.ସି.ୟୁ. ୟୁନିଟ୍‌ରେ ଅଗ୍ନିକାଣ୍ଡ ଘଟଣାରେ ମୃତ୍ୟୁସଂଖ୍ୟା ୧୧କୁ ବୃଦ୍ଧି ପାଇଛି । ଅନ୍ୟ ଚାରିଜଣଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସିତ କରାଯାଉଛି ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ପରିସ୍ଥିତି ଅନୁଧ୍ୟାନ କରି ମୃତକଙ୍କ ପରିବାରବର୍ଗଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତାରାଶି ଘୋଷଣା କରିଛନ୍ତି । ଏଥି ସହିତ ପ୍ରତ୍ୟେକ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ପିଏମ୍‌ଏନ୍‌ଆରଏଫ୍‌ରୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତାରାଶି ଓ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ଘୋଷଣା କରାଯାଇଛି । ଶ୍ରୀ ମାଝୀ ଅଗ୍ନିକାଣ୍ଡ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଟେଲିଫୋନ୍ ଯୋଗେ ବିସ୍ତୃତ ଆଲୋଚନା କରିଛନ୍ତି। ସମସ୍ତ ପ୍ରଭାବିତଙ୍କ ପାଇଁ ଗ୍ରହଣ କରାଯାଇଥିବା ଜରୁରୀକାଳିନ ପଦକ୍ଷେପ, ସ୍ଥାନାନ୍ତର ପ୍ରକ୍ରିୟା ଏବଂ ସେମାନଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱତନ୍ତ୍ର ଚିକିତ୍ସା ସେବା ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି।

ସମସ୍ତ ସମ୍ପୃକ୍ତ ବିଭାଗ ଏବଂ ଟିମ୍ ପୂର୍ଣ୍ଣ ସମନ୍ୱୟ ସହ କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

**ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଏସ୍‌ସିବି ଅଗ୍ନିକାଣ୍ଡ ଘଟଣା ଅତ୍ୟନ୍ତ ଯନ୍ତ୍ରଣାଦାୟକ ବୋଲି କହିଛନ୍ତି। ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

କେନ୍ଦ୍ରମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ପିଏମ-ରାଜ୍ୟପାଳ

ନୂଆଦିଲ୍ଲୀ ସଂସଦ ଭବନରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସାକ୍ଷାତ ସମୟରେ ରାଜ୍ୟପାଳ ଓଡ଼ିଶାରେ ଚାଲିଥିବା ବିକାଶମୂଳକ କାର୍ଯ୍ୟକ୍ରମ, ବିଭିନ୍ନ କ୍ଷେତ୍ରରେ ହେଉଥିବା ନିରନ୍ତର ପ୍ରଗତି, ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ଦୃଷ୍ଟିକୋଣ ସହିତ ରାଜ୍ୟର ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଚାଲିଥିବା ପ୍ରୟାସ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

## ଟିକାକରଣ ଦିବସ

ଟିକାକରଣର ଗୁରୁତ୍ୱ ଏବଂ ଏହା ବିଷୟରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ଟିକାକରଣ ଦିବସ ଭାବେ ପାଳନ କରାଯାଉଛି। 'ସମସ୍ତଙ୍କ ପାଇଁ ଟିକାକରଣ ମାନବିକ ଭାବରେ ସମ୍ଭବ' ବିଷୟବସ୍ତୁକୁ ନେଇ ଚଳିତବର୍ଷ ଏହି ଦିବସ ପାଳନ କରାଯାଉଛି । ୧୯୯୫ ମାର୍ଚ୍ଚ ମାସ ୧୬ତାରିଖରେ ଦେଶର ପ୍ରଥମ ଥର ପାଇଁ ପୋଲିଓ ଟିକାକରଣ ଅଭିଯାନ ଆରମ୍ଭ କରାଯାଇଥିଲା । ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ କାର୍ଯ୍ୟକାରୀ ହେଉଥିବା ଟିକାକରଣ ଅଭିଯାନରେ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଏବଂ ଜନସାଧାରଣ ସାମିଲ ହେବାକୁ ଏହି ଅବସରରେ ଆହ୍ୱାନ ଦିଆଯାଇଛି।

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି, ପଲ୍ସ ପୋଲିଓ ଅଭିଯାନରୁ ଟିକାକରଣ ବିଶ୍ୱସ୍ତରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ସହିତ ଦେଶ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ପରବର୍ତ୍ତୀ ପିଢ଼ିକୁ ସୁରକ୍ଷା ପ୍ରଦାନ କରିବା ଏବଂ ଏକ ସୁସ୍ଥ ଆସନ୍ତାକାଲିକୁ ସୁରକ୍ଷିତ ରଖିବାରେ ଟିକାକରଣ ଗୁରୁତ୍ୱ ବହନ କରିଥାଏ।

ସରକାର ସାର୍ବଜନୀନ ଟିକାକରଣ ପ୍ରତି ପ୍ରତବଦ୍ଧତାକୁ ସୁଦୃଢ଼ କରୁଛନ୍ତି। ପ୍ରତ୍ୟେକ ଶିଶୁ ପରିବାର ଏବଂ ସମ୍ପ୍ରଦାୟକୁ ଟିକାକରଣର ସୁବିଧା ମିଳିପାରିଲେ ଏକ ସୁସ୍ଥ ଓ ବିକଶିତ ଭାରତର ଗଠନ ସମ୍ଭବ ହୋଇପାରିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି।

ଜାତୀୟ ଟିକାକରଣ ଦିବସ ସମ୍ପର୍କରେ ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମ୍ସର ସ୍ତ୍ରୀ ଓ ପ୍ରସୂତି ବିଭାଗର ପ୍ରଫେସର ଡାକ୍ତର ଶ୍ୱେତା ସିଂ ଆକାଶବାଣୀକୁ ପ୍ରତିକ୍ରିୟାରେ କହିଛନ୍ତି.....

**- V/O –**

## ସିପିଇଟି

ସାଧାରଣ ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷା-ସିପିଇଟି ପାଇଁ ଆବେଦନ ସମୟସୀମା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଗ୍ରହୀ ଛାତ୍ରଛାତ୍ରୀମାନେ ରାତି ୧୧.୪୫ ଯାଏଁ ସାମ୍ସ୍ ପୋର୍ଟାଲରେ ଫର୍ମ ପୂରଣ କରିପାରିବେ। ପୂର୍ବରୁ

ସିପିଇଟି ପରୀକ୍ଷାର ଆବେଦନର ଶେଷ ତାରିଖ ଗତକାଲି ପର୍ଯ୍ୟନ୍ତ ଥିଲା । ଆସନ୍ତାମାସ ୨୭ ତାରିଖରୁ ମଇ ମାସ ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ନାତକୋତ୍ତର ବିଷୟ ପାଇଁ ସିପିଇଟି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ମାର୍କ ଆଧାରରେ ଛାତ୍ରଛାତ୍ରୀଙ୍କୁ ପାଠ୍ୟକ୍ରମ ପାଇଁ ଚୟନ କରାଯିବ । ଏଥିସହିତ ଜୁଲାଇ ମାସ ୧୦ ତାରିଖ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

## ସଚେତନତା ଶିବିର

**ଭଦ୍ରକ** ଜିଲ୍ଲା ଭଣ୍ଡାରିପୋଖରି ବ୍ଲକ୍ ରହଣିଆ ପିଏମ୍‌ଶ୍ରୀ ହାଇସ୍କୁଲରେ ବାଳିକାମାନଙ୍କ ପାଇଁ ସ୍ୱାସ୍ଥ୍ୟଯତ୍ନ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ପୁଲିସ୍, ଶିକ୍ଷା ଅଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦେଇ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ସମ୍ପର୍କରେ ଆଲୋଚନା କରିଥିଲେ ।

## ସାକ୍ଷରତା ଅଭିଯାନ

**ନବରଙ୍ଗପୁର** ଜିଲ୍ଲା ଡାବୁଗାଁ ବ୍ଲକ୍‌ରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବରୁ ଚିହ୍ନଟ କରାଯାଇଥିବା ୧୫ ବର୍ଷରୁ ଊର୍ଦ୍ଧ୍ୱ ଉଭୟ ମହିଳା ଓ ପୁରୁଷଙ୍କୁ ସାକ୍ଷରତା ପରୀକ୍ଷା କରାଯାଇଥିଲା । ସେମାନଙ୍କୁ ଛୁଟି ଦିନ ମାନଙ୍କରେ ଏକ ଘଣ୍ଟା ଲେଖାଏଁ ପାଠ ପଢ଼ା ଯାଉଥିଲା ।

## ଜନଅଭିଯୋଗ ଶୁଣାଣି

**ନବରଙ୍ଗପୁର** ଜିଲ୍ଲାର ତେନ୍ତୁଲିଖୁଣ୍ଟିଠାରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ

ଯୋଗଦେଇ ୩୯ଟି ଅଭିଯୋଗର ଶୁଣାଣି କରିଥିଲେ। ୧୫ ଜଣ ହିତାଧିକାରୀଙ୍କୁ ହ୍ୱିଲ ଚେୟାର ବଣ୍ଟନ କରାଯାଇଥିଲା।

**ନୂଆପଡ଼ା** ଜିଲ୍ଲା ଖଡିଆଳ ପଞ୍ଚାୟତ ସମିତି ପରିସରରେ ଆୟୋଜିତ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ପାଣିପାଗ-କାଳବୈଶାଖୀ

ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସହିତ ବର୍ଷା ହୋଇଯାଇଛି। ଆସନ୍ତା ୨୪ ଘଣ୍ଟାରେ ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ମୋରଡାରେ ସର୍ବାଧିକ ୫୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆଗାମୀ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ଝଡ଼ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।